## ଟାୟାର ଶୋ'ରୁମ୍‌ରୁ ୪.୯ ଲକ୍ଷ ଟଙ୍କା ଚୋରି

**ଭଦ୍ରକ ଅଫିସ:** ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପାସ୍ଥିତ ଡାହାଣୀଗଡ଼ିଆ ଛକ ନିକଟ ଏକ ଟାୟାର ଶୋ'ରୁମ୍‌ରୁ ୪ ଲକ୍ଷ ୯୦ ହଜାର ଟଙ୍କା ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ସୋମବାର ରାତିରେ ମାଲିକ ନିହାର ରଞ୍ଜନ ପଣ୍ଡା ଶୋ'ରୁମ୍ ବନ୍ଦ କରି ଘରକୁ ଯାଇଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସେ ଶୋ'ରୁମ୍ ଖୋଲିଲା ବେଳକୁ ତାଙ୍କ କ୍ୟାସ୍ କାଉଣ୍ଟର ଲକର ଭାଙ୍ଗି ଟଙ୍କା ଚୋରି ସହ କିଛି ଚେକ୍‌ବୁକ ମଧ୍ୟ ନ ଥିବା ଦେଖିବାକୁ ପାଇଥିଲେ। ଶୋ'ରୁମ୍ ପଛପଟ ଝରକା କାଚ ଭାଙ୍ଗି ଚୋରି ହୋଇଛି। ପୋଲିସ ବାଲେଶ୍ୱରରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଆଣି ତଦନ୍ତ କରିଛି।

## ସଂକ୍ଷେପରେ

### ଜଳଲାଗି କଲେ ବ୍ଲକ ଯାଦବ ମହାସଂଘ କର୍ମକର୍ତ୍ତା

**ଆରଡ଼ି,୨।୫ (ଡି.ଏନ.ଏ.):** ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ବୈଶାଖ ମାସ ତୃତୀୟ ସୋମବାର ଗୋପାଳ ସେବାୟତମାନେ ଜଳଲାଗି କରିଛନ୍ତି। ପାଳିଆ ସେବାୟତଙ୍କ ଦ୍ୱାରା ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ପରେ ବାବା ଆଖଣ୍ଡଳମଣିଙ୍କ ଦିଗମ୍ବର ବେଶ କରାଯାଇଥିଲା। ଏହାପରେ ଗୋପାଳ ସେବାୟତମାନେ ଜଳଭାର ଧରି ଜଣକ ପରେ ଜଣେ ମନ୍ଦିର ଗର୍ଭଗୃହକୁ ଯାଇ ପୂଜକ ସେବାୟତଙ୍କ ମାଧ୍ୟମରେ ଜଳଲାଗି କରିଥିଲେ। ଏହି ସୋମବାର ଚାନ୍ଦବାଲି ବ୍ଲକ ଯାଦବ ମହାସଂଘର ସମ୍ପାଦକ ରମାକାନ୍ତ ପଲାଇ, ସହସମ୍ପାଦକ ଅମୂଲ୍ୟ ଦାସ, କର୍ମକର୍ତ୍ତା ଲକ୍ଷ୍ମୀଧର ଦାସ, କନକ ବର୍ଦ୍ଧନ ଦାସ, ରମେଶ ନାୟକ, ବଲ୍ଲଭ ଦାସ ପ୍ରମୁଖ ଜଳଲାଗି କରିଥିଲେ।

### ମହିଳାଙ୍କ ମୃତଦେହ ଜବତ

**ପାଟଣା,୨।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ବେହେରା ସାହିର ଏକ ଆମ୍ବ ଗଛରୁ ମଙ୍ଗଳବାର ସକାଳେ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତ ମହିଳା ଜଣକ ହେଲେ ଉକ୍ତ ଗ୍ରାମର ହେମନ୍ତ ବେହେରାଙ୍କ ସ୍ତ୍ରୀ ଚମ୍ପାବତୀ ସୁଆର(୩୨)। ସୂଚନା ଅନୁଯାୟୀ, ଚମ୍ପାବତୀଙ୍କ ସ୍ୱାମୀ ଭୁବନେଶ୍ୱରରେ ରହି କାର୍ଯ୍ୟ କରନ୍ତି। ସୋମବାର ରାତିରେ ଗାଁରେ ଚାଲିଥିବା ଚବିଶ ପ୍ରହର ନାମ ଯଜ୍ଞ ଦେଖିବାକୁ ସେ ଯାଇଥିଲେ। ତେବେ ମଙ୍ଗଳବାର ସକାଳେ ଚମ୍ପାବତୀଙ୍କ ମୃତଦେହ ଘର ପାଖ ଏକ ଆମ୍ବ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୩)ରୁଜୁ ହୋଇଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୩ ବର୍ଷ ପୂର୍ବେ ଚମ୍ପାବତୀ ପାଟଣାସ୍ଥିତ ବୈତରଣୀ ନଦୀ ପୋଲରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେତେବେଳେ ଜଣେ ପୋଲିସ କର୍ମଚାରୀ ତାଙ୍କୁ ଉଦ୍ଧାର କରିଥିଲେ।

### ମୃତ ଖବରକାଗଜ ବିକ୍ରେତାଙ୍କ ପରିବାରକୁ ସହାୟତା

**ଚମ୍ପୁଆ,୨।୫ (ଡି.ଏନ.ଏ):** କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ଦୀର୍ଘ ୩୦ ବର୍ଷ ଧରି ଖବରକାଗଜ ବିକ୍ରି କରୁଥିବା ଓମ୍‌କାର ସାହୁଙ୍କ ଅକାଳ ବିୟୋଗ ପରେ ତାଙ୍କ ପରିବାରକୁ ଅଣସଂଗଠିତ ଶ୍ରମିକ ସହାୟତା ବାବଦକୁ ୧ ଲକ୍ଷ ଟଙ୍କା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଶ୍ରମିକ ଦିବସ ଅବସରରେ ଜିଲା ସଂସ୍କୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜିଲା ଯୋଜନା କମିଟି ସଭାପତି ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ସ୍ୱର୍ଗତ ସାହୁଙ୍କ ପତ୍ନୀ ରିଙ୍କୁ ସାହୁଙ୍କୁ ସହାୟତା ରାଶି ଚେକ୍ ପ୍ରଦାନ କରିଥିଲେ। ଜିଲା ପରିଷଦ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଡିଭିଜିନାଲ ଲେବର କମିଶନର, ଜିଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳି, ଉପଖଣ୍ଡ ଶ୍ରମ ଅଧିକାରୀ ପୁଷ୍ପ ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ କବାଟ ତାଲା ଭାଙ୍ଗି ଚୋରି

**ସିମୁଳିଆ, ୨।୫(ଡି.ଏନ.ଏ.):** ସୋମବାର ବିଳମ୍ବିତ ରାତିରେ ମାର୍କୋଣା ବରିରୋଡ୍‌ର ରମେଶ ଚନ୍ଦ୍ର ମିଶ୍ରଙ୍କ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ସମେତ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଭୁବନେଶ୍ୱରରେ ରହି ଏକ ଘରୋଇ ମେଡିକାଲରେ ରମେଶ ନିଜ ସ୍ତ୍ରୀଙ୍କ ଚିକିତ୍ସା କରାଉଥିବାରୁ ବରିରୋଡ୍‌ସ୍ଥିତ ତାଙ୍କ ଘର ବନ୍ଦ ରହିଥିଲା। ଘର ସିସି କ୍ୟାମେରା ବନ୍ଦ ହୋଇଯାଇଥିବା ସେ ମୋବାଇଲରୁ ଜାଣିବା ପରେ ଚୋରି ସନ୍ଦେହ କରିଥିଲେ। ଦୁର୍ବୃତ୍ତମାନେ ଛାତ କବାଟ ତାଲା ଭାଙ୍ଗି ଘରେ ପଶିବା ସହ ସିସି କ୍ୟାମେରା ବନ୍ଦ କରିବା ପରେ ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି।

# ଶ୍ରମିକଙ୍କୁ ଅଜଣା ସରକାରୀ ଯୋଜନା

## କାମ ଛାଡ଼ି ଦିବସ ପାଳିଲେ ଖଟିଖିଆ

**ବାରିପଦା ଅଫିସ,୨।୫**


କାମ ଅନ୍ୱେଷଣରେ ଆସି ଶ୍ରମିକ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରମିକମାନେ।

ମୟୂରଭଞ୍ଜ ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟ ଆନୁକୂଲ୍ୟରେ ବାରିପଦା ମୁର୍ଗାବାଡ଼ିସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ତେବେ ଉକ୍ତ ଦିବସ ପାଳନରେ ଉପସ୍ଥିତ ଥିବା ୪୦ରୁ ଉର୍ଦ୍ଧ୍ୱ ଶ୍ରମିକ କାମ ଅନ୍ୱେଷଣରେ ଆସି ମୁର୍ଗାବାଡ଼ି ଅଞ୍ଚଳରେ ଅପେକ୍ଷା କରିଥିଲେ। କାମଧନ୍ଦା ନ ମିଳିବାରୁ ସୋମାନଙ୍କୁ ପ୍ରୟାସ ହଲକୁ ଡକାଯାଇ ଶ୍ରମିକ ଉପସ୍ଥିତି ଦର୍ଶାଯାଇଥିଲା। କେତେଜଣ ଶ୍ରମିକ ଆଜିର ମଜୁରୀ କିଏ ଦେବ ବୋଲି ପ୍ରଶ୍ନ କରିଥିବା ବେଳେ ଆଉ କେତେଜଣ ଟିଫିନ ପୁଡ଼ିଆ ଧରି ନିରାଶରେ ଫେରିଥିଲେ। ସେମାନଙ୍କୁ ଶ୍ରମିକ ଦିବସ ପାଳନ ସମ୍ପର୍କରେ ଜଣା ନ ଥିବା ବେଳେ ଶ୍ରମିକଙ୍କ ନିମନ୍ତେ ଥିବା ସରକାରୀ ଯୋଜନା ସାତସପନ ବୋଲି ଭାଗାବନ୍ଦୀ ଗ୍ରାମର ଶ୍ରମିକ ବୁଧୁରାମ କିସ୍କୁ, ସାନଯୋଗୀବନ୍ଧ ଗ୍ରାମର ରାକେଶ ବିନ୍ଧାଣୀ ଓ ବାଙ୍କିଶୋଳ ଗ୍ରାମର ରାଜୁ ଦିଗାର କହିଥିଲେ।

ଦିନକୁ ୩୦୦ଟଙ୍କାରୁ ଅଧିକ ରୋଜଗାର କରୁଥିବା ଶ୍ରମିକମାନଙ୍କୁ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଯାଉଥିଲେ ହେଁ ସେମାନେ ଅଦ୍ୟାବଧି ପଞ୍ଜୀକୃତ ହୋଇ ନାହାନ୍ତି ବୋଲି ବେତନା ଗ୍ରାମର ନରେନ୍ଦ୍ର ରାୟ ଓ ବାଙ୍କିଶୋଳ ଗ୍ରାମର ଓକିଲ ଟୁଡୁ କ୍ଷୋଭର ସହ ପ୍ରକାଶ କରିଥିଲେ। ବିଭିନ୍ନ ସଂଘର କର୍ମକର୍ତ୍ତାମାନେ ଶ୍ରମିକଙ୍କୁ ଡାକି ନେଇଥିବାରୁ ଉକ୍ତ ଦିନର ମଜୁରୀ ନ ପାଇ ପରିବାର ଲୋକେ ଭୋକ ଉପାସରେ ରହିବେ ବୋଲି ସେମାନେ କହିଥିଲେ। ତେବେ ସରକାରୀ ଯୋଜନାରୁ ବଞ୍ଚିତ ଶ୍ରମିକମାନଙ୍କୁ ସଚେତନତା ମାଧ୍ୟମରେ ପଞ୍ଜୀକରଣ କରାଗଲେ ଦାଦନ ଦୁଃଖ ଦୂର ହୋଇପାରିବ ବୋଲି ମତପ୍ରକାଶ ପାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସାରସକଣା ବିଧାୟକ ଡା.ବୁଦ୍ଧାନ ମୁର୍ମୁ, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଓ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଉପସ୍ଥିତ ଥିଲେ। ଜିଲା ଶ୍ରମ ଅଧିକାରିଣୀ ମୋନାଲିସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୂଚନା ଅଧିକାରରେ ତଥ୍ୟ ନ ମିଳିବାରୁ ଧାରଣା


ବିଡିଓଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରତ ବାଲିଦାଣ୍ଡି ଗ୍ରାମବାସୀ।

**ତିହିଡ଼ି,୨।୫(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଯାମଯୋଡ଼ି ପଞ୍ଚାୟତ ବାଲିଦାଣ୍ଡି ଗ୍ରାମବାସୀ ମଙ୍ଗଳବାର ବିଡିଓଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଥିଲେ। ଗ୍ରାମରେ ମୋ ପୋଖରୀ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜନାରେ ୨୦୧୯ଠାରୁ ୨୦୨୩ ପର୍ଯ୍ୟନ୍ତ ହୋଇଥିବା ଅନିୟମିତତା ସମ୍ପର୍କରେ ଗ୍ରାମବାସୀ ସୂଚନା ଅଧିକାରରେ ତଥ୍ୟ ମାଗିଥିଲେ। ତଥ୍ୟ ନ ପାଇବାରୁ ଗ୍ରାମର ସୁରଥ ଧଳ, ଭଗବାନ ନାୟକ, ସନ୍ନ୍ୟାସୀ ଧଳ, ଦେବେନ୍ଦ୍ର ନାୟକ, ସୁକାନ୍ତି ଧଳ, ବସନ୍ତ ଧଳ, ଅନୁସୂୟା ନାୟକ ପ୍ରମୁଖ ଧାରଣାରେ ବସିଥିଲେ। ଆସନ୍ତା ସପ୍ତାହ ମଧ୍ୟରେ ତଥ୍ୟ ନ ମିଳିଲେ ସେମାନେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇ ଧାରଣା ସ୍ଥଗିତ ରଖିଛନ୍ତି। ଗ୍ରାମବାସୀଙ୍କୁ ତଥ୍ୟ ଦିଆଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ମିଳି ନ ଥିବା ଅଭିଯୋଗ କରି ସେମାନେ ତାହାକୁ ଗ୍ରହଣ କରି ନ ଥିଲେ ବୋଲି ବିଡିଓ ଜ୍ୟୋତିର୍ମୟ କର କହିଛନ୍ତି।

## ଦୋଷୀଙ୍କୁ ୪ ବର୍ଷ ଜେଲ

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲା

**କେନ୍ଦୁଝର,୨।୫(ସ୍ୱ.ପ୍ର.)**

କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଏକ ନାବାଳିକା ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ଜଜ ଏସ୍. ତ୍ରିପାଠୀ ଏହାର ବିଚାର କରି ଦୋଷୀଙ୍କୁ ୪ବର୍ଷ ଜେଲ ଓ ୨ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ଅଜୟ ନାୟକ (୩୦)। ଏହା ବ୍ୟତୀତ ପୀଡ଼ିତାଙ୍କୁ ୧ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ଜିଲା ଲିଗାଲ ସର୍ଭିସ ଅଥରିଟିକୁ ବିଚାରପତି ତ୍ରିପାଠୀ ଆଦେଶ ଦେଇଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରିସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି। ୨୦୧୮ ନଭେମ୍ବର ୭ତାରିଖ ସନ୍ଧ୍ୟାରେ ଘଟଗାଁ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅଭିଯୁକ୍ତ ଅଜୟ ଟାଣି ନେଇ ଆସଦାଚରଣ କରିଥିଲେ। ଏନେଇ ପରିବାର ନାବାଳିକାଙ୍କ ପରିବାର ଲୋକେ ୧୪ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା।

## ନଦୀରୁ ମିଳିଲା ଯୁବକଙ୍କ ମୃତଦେହ

**ଖୁଣ୍ଟା,୨।୫(ଡି.ଏନ.ଏ.)**

ଖୁଣ୍ଟା ଥାନା ଅଧୀନ ସାନକଡାଡିହା ଗ୍ରାମସ୍ଥିତ ଅରିକୂଳ ନଦୀରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ଖୁଣ୍ଟା ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ସେହି ଗ୍ରାମର ଟୁନୁରାମ ମାଝୀଙ୍କ ପୁଅ ଲକ୍ଷ୍ମଣ। ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ସେ ଗାଧୋଇବା ପାଇଁ ନଦୀକୁ ଯାଇଥିଲେ। ତେବେ ଘରକୁ ଫେରିବା ବିଳମ୍ବଦେଖି ପରିବାର ଲୋକେ ତାଙ୍କୁ ଡାକିବା ପାଇଁ ନଦୀକୂଳକୁ ଯାଇଥିବା ବେଳେ ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ। ମୃତକଙ୍କ ଭାଇ ଫଜଲ ଘଟଣା ସମ୍ପର୍କରେ ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୫/୨୩) ରୁଜୁ ହୋଇଛି।

## ସୁନ୍ଦରପୁର ବିଦ୍ୟାଳୟ ସମୂହରେ ସମ୍ବର୍ଦ୍ଧନା ସମାରୋହ


ପୁରାତନ ଛାତ୍ରମାନେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

**ଖଇରା, ୨।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ ସୁନ୍ଦରପୁରସ୍ଥିତ ନୀଳସୁନ୍ଦର ଜୀଉ ଓ ନବ କିଶୋର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଆରମ୍ଭ ଦିନରୁ ଶିକ୍ଷାଦାନ ପରେ ଅବସରଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସହ ସେମାନଙ୍କ ମଧ୍ୟରୁ ଆଖିବୁଜିଥିବା ଗୁରୁମାନଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଛି । ପ୍ରଥମେ ପ୍ରାକ୍ତନ ଗୁରୁଜୀମାନଙ୍କ ଦ୍ୱାରା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଅନ୍ତର୍ଯ୍ୟାମୀ ପାତ୍ର, ଇନ୍ଦ୍ରମଣି ରାଉତ, ବିନୋଦ କୁମାର ମହାପାତ୍ର, ନିରଞ୍ଜନ ମହାନ୍ତି, ରବୀନ୍ଦ୍ର ଯେନା, ଅନାଦି ସାହୁ, ପ୍ରମୋଦ ସାହୁ, ସୁରେନ୍ଦ୍ର ରାଉତ, ହରିହର ଜେନା, ମଣିକିଙ୍କର ଖିଲାର, ଘନଶ୍ୟାମ ପଣ୍ଡା, କାହ୍ନୁଚରଣ ଗିରି, ମଙ୍ଗରାଜ ନାୟକ, ଶମ୍ଭୁନାଥ ବେହେରା, ବିଷ୍ଣୁ ବହଳି, ଚକ୍ରଧର ମହାନ୍ତି, ଦୀନବନ୍ଧୁ ରାଉତ, ଚନ୍ଦ୍ରକାନ୍ତ ଶତପଥି, ଲକ୍ଷ୍ମୀଧର ମିଶ୍ର, ରଘୁନାଥ ମହାନ୍ତି, ହରେକୃଷ୍ଣ ବିଶ୍ୱାଳ, ଯୁଧିଷ୍ଠିର ମହାନ୍ତି, ପ୍ରଫୁଲ୍ଲ ସାମଲ, ମୋହନ ଜେନା, ଗଜେନ୍ଦ୍ର ରାୟ, ପିତାମ୍ବର ନାୟକ, ଗୋଲକ ପ୍ରସାଦ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ୧୯୬୨ମସିହାରୁ ଏମ୍‌ଇ ଓ ୧୯୭୬ ମସିହାରୁ ହାଇସ୍କୁଲରେ ପଢିଥିବା ପୁରାତନ ଛାତ୍ରୀଛାତ୍ରମାନେ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୧କେଭି ତାର ଛିଣ୍ଡି ୩ ଗୋରୁ ମୃତ

**ଉଦଳା,୨।୫(ଡି.ଏନ.ଏ.)**

୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ବିଲରେ ଚରୁଥିବା ୩ ଗୋରୁଙ୍କ ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଚନ୍ଦ୍ରପୁର ବରବାଡି ନାଳ ନିକଟରେ ଏହି ଘଟଣା ଘଟିଛି। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ଗୋରୁ ଚରିବା ନିମନ୍ତେ ଛାଡ଼ି ଦେଇଥିଲେ। ହଠାତ୍ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିବାରୁ ଘଟଣାସ୍ଥଳରେ ୩ ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଗୋରୁ ମାଲିକଙ୍କୁ କ୍ଷତିପୂରଣ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ୧୯୬ ସଙ୍ଗଠିତ ଶ୍ରମିକଙ୍କୁ ୧.୨ କୋଟି ସହାୟତା

**କେନ୍ଦୁଝର, ୨।୫ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନ ପରିସରରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାୟକ ଯୋଗଦେଇ ଶ୍ରମିକମାନେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତ୍ୟେକ ସଂଗଠିତ ଶ୍ରମିକ ସେମାନଙ୍କ ବାର୍ଷିକ ନବୀକରଣ ଦେୟ ୫୦ ଟଙ୍କା ପୈଠ କରି ସୁବିଧା ସୁଯୋଗ ହାସଲ କରିବାକୁ ସେ କହିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ବିଭିନ୍ନ ଶ୍ରମ ଆଇନ ବିଷୟରେ ସଚେତନତା ସୃଷ୍ଟି କରିବା ସହ ଶ୍ରମ ବିଭାଗ ଦ୍ୱାରା ଶ୍ରମିକମାନଙ୍କ ପାଇଁ ପ୍ରବର୍ତ୍ତନ କରାଯାଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନାର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳି ସଭା ପରିଚାଳନା ସହ ଶ୍ରମିକ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ।

ଜିଲାର ବିଭିନ୍ନ ପ୍ରାନ୍ତରୁ ୩୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ସହାୟତା ରାଶି ବଣ୍ଟନ କରାଯାଇଥିଲା। ୪୨ଜଣଙ୍କୁ ମୃତ୍ୟୁକାଳୀନ ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ୭୦ଜଣଙ୍କୁ ବିବାହ, ୭୯ଜଣଙ୍କୁ ଶିକ୍ଷା ଓ ୫ଜଣଙ୍କୁ ପ୍ରସୂତିକାଳୀନ ସହାୟତା ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ପ୍ରଦାନ କରାଯାଇଥିଲା। ଏଥିସହ ୮ଜଣ ଅଣସଂଗଠିତ ଶ୍ରମିକଙ୍କ ପରିବାର ବର୍ଗଙ୍କୁ ମୃତ୍ୟୁକାଳୀନ ସହାୟତା ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହି ଯୋଜନାରେ ୧୯୬ ଶ୍ରମିକଙ୍କୁ ମୋଟ ୧ କୋଟି ୨୦ ଲକ୍ଷ ୯୦ ହଜାର ୬୦୦ ଟଙ୍କା ଏବଂ ଅଣସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ଯୋଜନାରେ ୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୧୦୦ଜଣଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର ଏବଂ ୧୦୦ଜଣଙ୍କୁ ଅଣସଂଗଠିତ ଶ୍ରମିକ ପରିଚୟପତ୍ର ଦିଆଯାଇଥିଲା। ଶେଷରେ ଚମ୍ପୁଆ ସହକାରୀ ଶ୍ରମ ଅଧିକାରୀ ସୁଶ୍ରୀ ପୁଷ୍ପ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ବୃନ୍ଦାବନ ଜୁଆଙ୍ଗ, ଭରତ ଚନ୍ଦ୍ର ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ସମାରୋହରେ ଅତିଥି ଜଣେ ଶ୍ରମିକଙ୍କୁ ସହାୟତା ରାଶି ଚେକ୍ ପ୍ରଦାନ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ ପ୍ରଶ୍ନ


@ ସାଧିକା


@ କାଜଲ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଗଣ୍ଡିବେଡ଼-ଔପଦା ରାସ୍ତା ପ୍ରଶସ୍ତୀକରଣ

### ବହୁ ପ୍ରତୀକ୍ଷା ପରେ ମାପ ଆରମ୍ଭ

**ଔପଦା, ୨।୫(ସ୍ୱ.ପ୍ର.)**

ବାଲେଶ୍ୱର ଜିଲାର ଗଣ୍ଡିବେଡ଼ଠାରୁ ଔପଦା ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ପ୍ରଶସ୍ତୀକରଣ ଔପଦା କଲେଜ ଛକଠାରୁ ବନ୍ଦ ଥିବାରୁ ବହୁ ପ୍ରତୀକ୍ଷା ପରେ ପ୍ରଶାସନ ପକ୍ଷରୁ ମାପ ଆରମ୍ଭ ହୋଇଛି। ଏହି ରାସ୍ତା ମାପଚୁପ ସମୟରେ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ପିଡ଼ବ୍ଲୁଡ଼ି ବିଭାଗର ହାତ ଗଣତି କେତେଜଣ କର୍ମଚାରୀଙ୍କ ବ୍ୟତୀତ ଅଧିକାରୀମାନେ ଉପସ୍ଥିତ ନ ଥିବା ଦେଖାଯାଇଥିଲା। ରାସ୍ତା ପ୍ରଶସ୍ତୀକରଣ ପାଇଁ ଔପଦାରେ ଥିବା ୨୦ରୁ ଉର୍ଦ୍ଧ୍ୱ ଦୋକାନୀଙ୍କୁ ଖଇରା ଓ ଔପଦା ରାଜସ୍ୱ ବିଭାଗ ପକ୍ଷରୁ ଦୀର୍ଘ ୬ମାସ ପୂର୍ବେ ଉଚ୍ଛେଦ କରାଯାଇଥିବା ବେଳେ ସ୍ଥାନୀୟ କଲେଜ ଛକରୁ ଔପଦା ୟୁକୋ ବ୍ୟାଙ୍କ ପର୍ଯ୍ୟନ୍ତ ବିବାଦୀୟ ଥିବାରୁ ନିର୍ମାଣଧୀନ ରାସ୍ତା ବନ୍ଦ ଅଛି। ରାସ୍ତା ନିର୍ମାଣ ବିଭାଗ ପକ୍ଷରୁ ଔପଦା ନୂତନ ତହସିଲଦାର ସତ୍ୟବାନ ନାୟକଙ୍କ ସହିତ ବନ୍ଦ ଥିବା ରାସ୍ତା ସମ୍ପର୍କରେ ଆଲୋଚନା ପରେ ମଙ୍ଗଳବାର ଔପଦା ଓ ଖଇରା ରାଜସ୍ୱ ବିଭାଗର ମିଳିତ ଉଦ୍ୟମରେ ରାସ୍ତାର ଦୁଇ ପାଖ ମାପ ଚୁପ କରାଯାଇଛି। ବିବାଦୀୟ ରାସ୍ତା ମାପ ସମୟରେ ରାସ୍ତା ବିଭାଗର ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ବିଭାଗର କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ଭିନ୍ନମତ ପ୍ରକାଶ ପାଉଛି।

## 'ଶ୍ରମିକ ବିନା ଉନ୍ନୟନ କାର୍ଯ୍ୟ ଅସମ୍ଭବ'



ଜଣେ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

**ଭଦ୍ରକ ଅଫିସ,୨।୫**

ଭଦ୍ରକ ଶହୀଦ୍ ସ୍ମୃତି ଭବନରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏବଂ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା ଯୋଗ ଦେଇଥିଲେ। ଶ୍ରମିକମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ସମ୍ବନ୍ଧରେ ଅତିଥିମାନେ ଆଲୋକପାତ କରିଥିଲେ। ଶ୍ରମିକମାନଙ୍କ ଶ୍ରମ ଦ୍ୱାରା ଉନ୍ନତିମୂଳକ କାର୍ଯ୍ୟ ସମ୍ଭବ ହେଉଛି। ଶ୍ରମିକଙ୍କ ବିନା ଉନ୍ନୟନ କାର୍ଯ୍ୟ ଅସମ୍ଭବ ବୋଲି ଜିଲାପାଳ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାରେ ସମୁଦାୟ ୭୨୩ ହିତାଧିକାରୀଙ୍କୁ ୨କୋଟି ୩୦ ଲକ୍ଷ ୯୧ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ସହ ୬୭ଜଣଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମର ସଂଯୋଜକ ଭାବେ ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ପ୍ରେମ ମଞ୍ଜରୀ ନାୟକ ଓ ରତ୍ନାକର ମଲ୍ଲିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ତାଳସାରୀ ବେଳାଭୂମିରୁ ଛଡ଼ାଗଲା ୧୮୩ ଅଲିଭ ରିଡ୍‌ଲେ ଶାବକ

**ଭୋଗରାଇ, ୨।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରୁ ମଙ୍ଗଳବାର ସମୁଦ୍ରକୁ ୧୮୩ଟି ଅଲିଭ୍ ରିଡ୍‌ଲେ ଶାବକ ସମୁଦ୍ରମୁହାଁ ହୋଇଥିବା ସୂଚନା ମିଳିଛି। ମାର୍ଚ୍ଚ ୫ତାରିଖରେ ତାଳସାରୀ-ଉଦୟପୁର ବେଳାଭୂମିରେ ୩ଟି ଓ ମୂରଲୀଚଡ଼ରେ ୪ଟି ଅଲିଭ ରିଡ୍‌ଲେ ସମୁଦାୟ ୭୮୩ଟି ଅଣ୍ଡାଦାନ କରିଥିଲେ। ଏଥିମଧ୍ୟରୁ ତାଳସାରୀ ବେଳାଭୂମିରୁ ଦୁଇଟି ଅଲିଭ ରିଡ୍‌ଲେରୁ ୧୮୩ ଶାବକ ସମୁଦ୍ରକୁ ଛଡ଼ାଯାଇଥିବା ବେଳେ ଅନ୍ୟ ସମସ୍ତ ଅଲିଭ ରିଡଲେର ଶାବକ ଦୁଇତିନି ଦିନ ମଧ୍ୟରେ ସମୁଦ୍ରକୁ ଛଡ଼ାଯିବ ବୋଲି ବନପାଳ ପରମାନନ୍ଦ ନାୟକ କହିଛନ୍ତି। ଚଳିତବର୍ଷ ପାଗ ଅନୁକୂଳ ଥିବା ବେଳେ ମାଛଧରା ଟ୍ରଲର ଓ ଡଙ୍ଗା ଚଳାଚଳ ମତ୍ସ୍ୟ ବିଭାଗ ପକ୍ଷରୁ ନିଷିଦ୍ଧ କରାଯାଇଥିବାରୁ ଉକ୍ତ ଇଲାକାରେ ୭ଟି ଅଲିଭ ରିଡ୍‌ଲେ ବେଳାଭୂମିକୁ ଆଗମନ ହୋଇଥିଲା। ସମସ୍ତ ଅଣ୍ଡାଗୁଡ଼ିକୁ ତାରଜାଲି ଘେରା ଓ ସୁରକ୍ଷିତ ଭାବେ ରଖାଯାଇଥିଲା। ଅନ୍ୟପକ୍ଷରେ ଗତବର୍ଷ ଏହି ବେଳାଭୂମିରୁ ୪ଟି ଅଲିଭ ରିଡ଼ଲେ ୨୪୭ ଶାବକକୁ ସମୁଦ୍ରକୁ ସୁରକ୍ଷିତ ଭାବେ ଛଡ଼ାଯାଇଥିଲା।


ସମୁଦ୍ରମୁହାଁ ଅଲିଭ ରିଡ୍‌ଲେ ଶାବକ।

**ଛାତ୍ରୀଙ୍କ ଆତ୍ମହତ୍ୟା**

ଯୋଡ଼ା,(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ କଣ୍ଡରା ପଞ୍ଚାୟତ ଅଞ୍ଚଳର ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିବା ନେଇ ଘର ଲୋକଙ୍କ ଆଗରେ ଧରାପଡ଼ିବା ପରେ ଭୟରେ ସେଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ୯ମ ଶ୍ରେଣୀରେ ପଢୁଥିଲେ। ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ନେଇ ପରିବାର ଲୋକେ ଜାଣି ପାରିବାରୁ ଛାତ୍ରୀଙ୍କୁ ତାଙ୍କ ବାପା ତାଗିଦ୍ କରିଥିଲେ। ତାଗିଦ ପରେ ସେ ଘରୁ ପଳାଇଥିଲେ। ରବିବାର ସକାଳେ ତାଙ୍କ ମୃତଦେହ ଘର ପାଖ ଏକ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ବିଲେଇପଦା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

## ସଂକ୍ଷେପରେ

### ପାଇକାସ୍ତାରେ ଚନ୍ଦନ ଯାତ୍ରା ଲାଗି ପ୍ରସ୍ତୁତି ବୈଠକ

ବାହାନଗା, ୨।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ପାଇକାସ୍ତା ଗ୍ରାମର ଦେଉଳା ପୋଖରୀଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ୩୪ତମ ଚନ୍ଦନ ଯାତ୍ରା ମହୋତ୍ସବ ଉପଲକ୍ଷେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୋପାଳପୁର ପଞ୍ଚାୟତ ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତିଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ଆସନ୍ତା ୪ତାରିଖଠାରୁ ୬ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଠାକୁରଙ୍କ ଚାପ ଖେଳ, ଯଜ୍ଞ, ଠାକୁରଙ୍କ ଶୋଭାଯାତ୍ରା ସମେତ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ ଜ୍ଞାନବିଜ୍ଞାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଲାଗି ସ୍ଥିର କରାଯାଇଛି। ସେହିପରି ବାଣବିଚିତ୍ରା, ବର୍ଣ୍ଣାଢ୍ୟ ଆଲୋକମାଳା, ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଏଥିରେ ସାମିଲ କରାଯାଇଛି। ବୈଠକରେ ଗଜେନ୍ଦ୍ର ସାହୁ, ବିଦ୍ୟାଧର ପାଣିଗ୍ରାହୀ, ଗଣପତି, ବଳଭଦ୍ର, ଉମେଶ ବେହେରା ପ୍ରମୁଖ ଗ୍ରାମବାସୀ ଓ କମିଟି ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଶାଢ଼ି ଗୋଦାମରେ ଅଗ୍ନିକାଣ୍ଡ



ଭଦ୍ରକ ଅଫିସ, ୨।୫: ଭଦ୍ରକ ଚରମ୍ପା ବଜାରରେ ଏକ ଶାଢ଼ି ଗୋଦାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଶାଢ଼ି ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ିଯାଇଛି। ସୂଚନା ମୁତାବକ ଚରମ୍ପାସ୍ଥିତ ମା' ତାରିଣୀ ଲୁଗା ଦୋକାନର ଏକ ଗୋଦାମରେ ଭୋର ସମୟରେ ବିଦ୍ୟୁତ୍ ଶର୍ଟ୍ ସର୍କିଟରୁ ନିଆଁ ଲାଗିଥିଲା। ଗୋଦାମ ଭିତରୁ ଧୂଆଁ ବାହାରୁଥିବା ଦେଖି ଲୋକେ ଦୋକାନ ମାଲିକ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ନିର୍ବାଚନ ଡ୍ୟୁଟିରେ ଥିବା କନ୍‌ଷ୍ଟେବଲଙ୍କ ମୃତ୍ୟୁ

ବାରିପଦା ଅଫିସ/ ବୈଶିଙ୍ଗା/ଗୋପବନ୍ଧୁ ନଗର, ୨।୫ (ଡି.ଏନ.ଏ.): ମୟୂରଭଞ୍ଜ ଜିଲାରେ ପଞ୍ଚାୟତ ଉପନିର୍ବାଚନ ଡିଉଟି ଥିବା ଜଣେ ପୋଲିସ କନଷ୍ଟେବଲଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଖୁଣ୍ଟା ଥାନା ଅଞ୍ଚଳର ଟିକାୟତ ନାଏକ(୫୦) । ସେ ବୈଶିଙ୍ଗା ଥାନାରେ କାର୍ଯ୍ୟ କରନ୍ତି। ପଞ୍ଚାୟତ ଉପ ନିର୍ବାବାଚନ ପାଇଁ ରବିବାର ବଡ଼ସାହି ବ୍ଲକ ଅଞ୍ଚଳରେ କାର୍ଯ୍ୟରେ ଯୋଗଦେବା ସକାଶେ ଯାଇଥିଲେ। ତେବେ ରାତିରେ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଜନ୍ମସ୍ଥାନ ଖୁଣ୍ଟା ଥାନା ଭୋଲାଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ସାନଓଲିଆ ଗ୍ରାମକୁ ଅଣାଯାଇଥିଲା। ସେଠାରେ ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ତାଙ୍କର ସ୍ତ୍ରୀ ଏବଂ ୧୦ ଓ ୬ ବର୍ଷର ଦୁଇ କନ୍ୟା ସନ୍ତାନ ଅଛନ୍ତି। ବଡ଼ ଝିଅ ଗାୟତ୍ରୀ ମୁଖାଗ୍ନି ଦେଇଥିଲେ। ଟିକାୟତ ଜଣେ ମେଳାପି ଓ କର୍ତ୍ତବ୍ୟନିଷ୍ଠ ପୋଲିସ କର୍ମଚାରୀ ଥିଲେ।

# ଜନ୍ମମାଟିରେ ବିଶ୍ୱସ୍ତରୀୟ ସ୍କୁଲ୍ କରିଛନ୍ତି ଡାକ୍ତର



ପିଲାମାନେ ଶିକ୍ଷା ଗ୍ରହଣ କରୁଛନ୍ତି।



ଉତ୍କଳ ଗୌରବ ଅନ୍ତର୍ଜାତୀୟ ବିଦ୍ୟାଳୟ।

- ଗରିବ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ
- ଦିନେ ଶ୍ରମିକ ଭାବେ ମୂଲ ଲାଗୁଥିଲେ
- ଜୁବିନ୍, ସୋନୁ ନିଗମ ଶିଖାଇବେ ସଙ୍ଗୀତ

କେନ୍ଦୁଝର,୨।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଜଣେ ଡାକ୍ତର ନିଜ ଗାଁରେ ଗରିବ ପିଲାଙ୍କ ପାଠ ପଢ଼ିବା ପାଇଁ ଏକ ବିଶ୍ୱସ୍ତରୀୟ ସ୍କୁଲ ଖୋଲିଛନ୍ତି। ସେ ପିଲା ଦିନେ ପଢ଼ିବା ପାଇଁ କରିଥିବା କଷ୍ଟକୁ ହୃଦବୋଧ କରି ଶିକ୍ଷାରୁ ବଞ୍ଚିତ ପିଲାଙ୍କୁ ଏହା ଉପହାର ସ୍ୱରୂପ ଦେଇଛନ୍ତି। ଯେଉଁଠାରେ ଗରିବ ପିଲା ମାଗଣାରେ ପାଠ୍ୟ ପୁସ୍ତକ ସହ ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରିବାର ସୁବିଧା ଉପଲବ୍ଧ ରହିଛି। ଏଭଳି ମାଗଣାରେ ପାଠ ପଢ଼ାଇବା ବ୍ୟବସ୍ଥା କରି ଦେଶରେ ନୂତନ ଉଦାହରଣ ପାଲଟିଛନ୍ତି ହାଟଡ଼ିହି ବ୍ଲକ୍ ବେରୁଣପଦି ଗ୍ରାମର ଡାକ୍ତର ପ୍ରଦୀପ ସେଠୀ। ସେ କେଶ ପ୍ରତ୍ୟାରୋପଣ ବିଶେଷଜ୍ଞ ଭାବେ ମଧ୍ୟ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏବେ ହରିୟାଣାରେ ଅବସ୍ଥାପିତ ଅଛନ୍ତି।

ସୂଚନା ଅନୁଯାୟୀ, ଡାକ୍ତର ପ୍ରଦୀପ ପିଲାଟି ଦିନରୁ ପାଠ ପଢ଼ିବା ପାଇଁ ବହୁ ସଂଘର୍ଷ କରିଆସିଛନ୍ତି। ମୂଲ ମଜୁରି ଲାଗି ସ୍କୁଲ ଓ କଲେଜ ପାଠ ପଢ଼ିଥିଲେ। ନୂଆଦିଲ୍ଲୀ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ଡାକ୍ତରୀ ପାଠ ସାରିଥିଲେ। ଚିକିତ୍ସା କ୍ଷେତ୍ରରେ ୧୫ ବର୍ଷ ପରେ ସେ ନିଜ ଗାଁକୁ ଫେରି ସ୍ଥାନୀୟ ଗରିବ ପିଲାଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଦେବା ପାଇଁ ଚିନ୍ତା କରିଥିଲେ। ଏ ନେଇ ୨୦୨୩ ମାର୍ଚ୍ଚ ୪ରେ ହାଟଡ଼ିହି ବ୍ଲକ୍ ବେରୁଣପଦି ନିଜସ୍ୱ ଜନ୍ମ ମାଟିରେ ଉତ୍କଳ ଗୌରବ ଅନ୍ତର୍ଜାତୀୟ ବିଦ୍ୟାଳୟ ନାମରେ ବିଶ୍ୱସ୍ତରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ଏଥିରେ ଗ୍ରାମବାସୀ ତାଙ୍କୁ ସହଯୋଗ କରି ଶ୍ରମ ଦାନ ସହ ଜମି ଦାନ କରିଥିବା ମଧ୍ୟ ଜଣାପଡ଼ିଛି। ବିଦ୍ୟାଳୟ ଏବେ ଗରିବ ପିଲାମାନଙ୍କ ପାଇଁ ଦଶ ଏକର ପରିମିତ ଜମିରେ ଆରମ୍ଭ ହୋଇଛି। ପରବର୍ତ୍ତୀ ସମୟରେ ପରିସୀମା ୨୦ ଏକରକୁ ବୃଦ୍ଧି କରାଯାଇ ୨୫୦୦ ପିଲାଙ୍କୁ ଆବାସିକ ଶିକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଡା. ପ୍ରଦୀପ କହିଛନ୍ତି। ସ୍କୁଲ୍‌ରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟତୀତ ଧନ୍ଦାମୂଳକ ଶିକ୍ଷା, ନିଯୁକ୍ତି ଆଦି ବ୍ୟବସ୍ଥା କରାଯିବ। ସେହିପରି ଏଠାରେ ପିଲାମାନେ କୃଷି, ବ୍ୟବସାୟ, କ୍ରୀଡ଼ା, ମନୋରଞ୍ଜନ ଓ ଶିଳ୍ପ ଆଦି କ୍ଷେତ୍ରରେ ମଧ୍ୟ ଅଧ୍ୟୟନ କରିବେ। ଏଥି ପାଇଁ ବିଶେଷ ପ୍ରତିଭାବାନ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ପାଠ ସହିତ ଆଧ୍ୟାତ୍ମିକ ବିଦ୍ୟା ପ୍ରଦାନ ବ୍ୟବସ୍ଥା କରାଯାଇଛି। କ୍ରୀଡ଼ା ପାଇଁ ପୂର୍ବତନ ଭାରତୀୟ କ୍ରିକେଟ୍ ଦଳର କ୍ୟାପଟେନ ରବି ଶାସ୍ତ୍ରୀ, ସଙ୍ଗୀତ ଓ କଳା ପାଇଁ ସୋନୁ ନିଗମ, ଯୁବିନ ନଉଟିୟାଲ ଓ ବ୍ୟବସାୟ ପାଇଁ ରାଜୀବ ବଜାଜଙ୍କ ଭଳି ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯାଇଛି।



ଡା. ପ୍ରଦୀପ ସେଠୀ

ଡା. ପ୍ରଦୀପ ଧରିତ୍ରୀକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ଗୁରୁ ଶ୍ରୀ ପରମେଶ୍ୱର ଯୋଗାନନ୍ଦଙ୍କ ଭକ୍ତ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏଭଳି ସ୍କୁଲ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲେ। ନିଜର ଜୀବନ ସାର୍ଥକ ହେବ ଯେତେବେଳେ ନିଜ ସମ୍ବଳର ସଦୁପଯୋଗ କରି ଅବହେଳିତ ଲୋକଙ୍କ ପାଇଁ କିଛି କରିବେ। ଏହା ହିଁ ଗୁରୁଙ୍କ ନୀତିବାଣୀ ଅଛି। ଯାହାକୁ ସେ ପାଳନ କରୁଛନ୍ତି ବୋଲି କହିଥିଲେ।

## ଆରଡ଼ି ରାସ୍ତା ପରିଦର୍ଶନ କଲେ ଅଧିକାରୀ

ଭଣ୍ଡାରିପୋଖରୀ,୨।୫(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କାମ ହେଉଥିବା ଦୁଇଟି ରାସ୍ତାକୁ ଏସ୍‌ଟିଏ (ରାଜ୍ୟ ଟେକ୍ନିକାଲ ଏଜେନ୍ସି) ଅଧିକାରୀ ମହାବୀର ପଣ୍ଡା ପରିଦର୍ଶନ କରିଛନ୍ତି। ମେଡିକାଲ ଛକଠାରୁ ପାଟୁଳି ପଞ୍ଚାୟତ କାର୍ଯ୍ୟାଳୟ ଯାଏ ନିର୍ମାଣାଧୀନ ରାସ୍ତା ସେ ବୁଲି ଦେଖିଥିଲେ। ପୂର୍ବ ନିର୍ଦ୍ଧାରିତ ଏସିମେଟ୍ ଅନୁଯାୟୀ କାମ ହେଉଥିଲେ ସୁଦ୍ଧା ପରିବର୍ତ୍ତିତ ଧାରାରେ ଉନ୍ନତମାନର କାର୍ଯ୍ୟ ପାଇଁ ଅଧିକ ଅର୍ଥ ଆବଶ୍ୟକ ହେଉଥିବା ସେ ଅନୁଭବ କରିଥିଲେ। ଏଣୁ ସେହି ଅନୁସାରେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସେ ତାଳପଦାଠାରୁ କଣ୍ଟି ଭାୟା ମଣୀମାଝୀ ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତା ବୁଲି ଦେଖିଥିଲେ। ଅନୁରୂପ ଭାବେ ଏଠାରେ ମଧ୍ୟ ଅଧିକ ଅର୍ଥ ଆବଶ୍ୟକ ହେଉଥିବା ଅନୁଧ୍ୟାନରୁ ଜଣାପଡ଼ିଥିଲା। ପରିଦର୍ଶନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ ନାୟକ, କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ମହାପାତ୍ର, ଅଜିତ ଦାସ, ଜ୍ୟୋତିପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ଟେକ୍ନିକାଲ ଏଜେନ୍ସି ଅଧିକାରୀ ରାସ୍ତା ପରିଦର୍ଶନ କରୁଛନ୍ତି।

## ବିଷ୍ଣୁପଦ ନୂତନ କେନ୍ଦୁଝର ଖଣି ଉପନିର୍ଦ୍ଦେଶକ

କେନ୍ଦୁଝର, ୨।୫(ସ୍ୱ.ପ୍ର.)



ବିଷ୍ଣୁପଦ ରାଉତ

ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ପତ୍ର ସଂଖ୍ୟା ୦୪୮୩ ତା ୧।୫।୨୦୨୩ ଅନୁସାରେ କୋଇଡା ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରେ କାର୍ଯ୍ୟରତ ମାଇନିଂ ଅଫିସର ବିଷ୍ଣୁପଦ ରାଉତଙ୍କୁ କେନ୍ଦୁଝର ଖଣି ମଣ୍ଡଳର ଖଣି ଅଧିକାରୀ ଭାବେ ବଦଳି କରାଯାଇଛି। ତାଙ୍କୁ କେନ୍ଦୁଝର ଖଣି ଉପନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏଠାରେ ଖଣି ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅସିତ କୁମାର ବେହେରାଙ୍କୁ କୋଇଡା ଖଣି ଉପନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। କେନ୍ଦୁଝର ଖଣି ମଣ୍ଡଳରେ ଖଣି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବସନ୍ତ କୁମାର ସାହୁଙ୍କୁ କୋଇଡ଼ା ଉପନିର୍ଦ୍ଦେଶକ କାର୍ଯ୍ୟାଳୟକୁ ଖଣି ଅଧିକାରୀ ଭାବେ ବଦଳି କରାଯାଇଛି। ଏହି ଆଦେଶ ଚିଠି ପ୍ରକାଶ ପାଇବା ଦିନଠାରୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, କୋଇଡ଼ା ଖଣି ଉପନିର୍ଦ୍ଦେଶକ ପଦରେ ଥିବା ଏଲ୍‌ଡି ନାୟକ ଏପ୍ରିଲରେ ଅବସର ନେଇଥିଲେ।

## ନିର୍ମାଣ ହେବ ଦୁବୁନା-ପିଢ଼ପୋଖରୀ ରାସ୍ତା



ଯୋଡା,୨।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ ବଡ଼ କାଳିମାଟି ପଞ୍ଚାୟତରେ ବହୁଦିନରୁ ଦାବି ହୋଇ ଆସୁଥିବା ଦୁବୁନା-ପିଢ଼ପୋଖରୀ ରାସ୍ତା ନିର୍ମାଣ ପାଇଁ ଅନୁମତି ମିଳିଛି। ଦୁବୁନାସ୍ଥିତ ଓଏମ୍‌ସି ସାକ୍ରାଡିହିର ପଛପାର୍ଶ୍ୱରେ ଥିବା ରାସ୍ତା ଯାହାକି ଲିଜ୍ ଅଧୀନରେ ଅଛି। ଏଠାରୁ ଦୁର୍ଗମ ଅଞ୍ଚଳ ପିଢ଼ପୋଖରୀକୁ ଯାତାୟାତ ପାଇଁ ମାଟି ରାସ୍ତା ଥିଲା। ଜଙ୍ଗଲ ରାସ୍ତା ଦେଇ ଲୋକଙ୍କୁ ଯିବା ଆସିବା କରିବାକୁ ପଡୁଥିଲା। ଉକ୍ତ ଦୁର୍ଗମ ଅଞ୍ଚଳକୁ ଚାରିଚକିଆ ଯାନ ଯିବାକୁ ହେଲେ ବହୁ ହଇରାଣ ହେବାକୁ ପଡୁଥିଲା। ପିଢ଼ପୋଖରୀରୁ କାଳିମାଟିକୁ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଆସିବା ବେଳେ ଅସୁବିଧା ଭୋଗୁଥିଲେ। ବର୍ଷାଦିନେ ଆଣ୍ଠୁଏ ଗର୍ତ୍ତରେ ପାଣି ଜମିଥିବା ରାସ୍ତା ଦେଇ ଲୋକଙ୍କୁ ଯାତାୟାତ କରିବାକୁ ପଡୁଥିଲା। ଏହି ରାସ୍ତା ନିର୍ମାଣ ଲାଗି ପିଢ଼ପୋଖରୀ ଓ କାଳିମାଟି ଅଞ୍ଚଳବାସୀ ଦାବି କରିଆସୁଥିଲେ। ତେବେ ଡିଏମ୍‌ଏଫ୍ ପକ୍ଷରୁ ଏହି ରାସ୍ତାର ନବୀକରଣ ନିମନ୍ତେ ମଞ୍ଜୁରୀ ମିଳିଛି। ଯେହେତୁ ଓଏମ୍‌ସି ଖଣିର ୪ନଂ. କ୍ୱାରୀ ପଛପାର୍ଶ୍ୱରେ ଖଣି ଲିଜ୍ ଅଞ୍ଚଳ ରହିଛି। ଏଠାରେ ରାସ୍ତାର ନବୀକରଣ କାର୍ଯ୍ୟ ଆରମ୍ଭ କରିବାକୁ କେନ୍ଦୁଝର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅନୁମତି ଲୋଡ଼ା ଯାଇଥିଲା। ଏଥିପାଇଁ ଓଏମ୍‌ସି ପକ୍ଷରୁ ଚିଠି ସଂଖ୍ୟା ୬୮୬୯ ତା ୧।୫।୨୦୨୩ ରିଖରେ କୌଣସି ଆପତ୍ତି ନ ଥିବା ଦର୍ଶାଇ କେନ୍ଦୁଝର ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ପ୍ରଦାନ କରାଯାଇଛି।

## ପୁଅ ଟାଙ୍ଗିଆ ଚୋଟରେ ବାପା ମୃତ

ରାଇରଙ୍ଗପୁର,୨।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ତିରିଙ୍ଗି ଥାନା ଝରାଡିହି ଫାଣ୍ଡି ଅନ୍ତର୍ଗତ ପଟକାଡିହି ଗ୍ରାମ ମାଝୀସାହି ବସ୍ତିରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅ ଟାଙ୍ଗିଆ ଚୋଟରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୁଡୁରା ଟୁଡୁ(୫୫)। ପୋଲିସ ଅଭିଯୁକ୍ତ ପୁଅ କ୍ରୀଷ୍ଣା(୩୫)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଘରାଇ କଳହକୁ ନେଇ କ୍ରିଷ୍ଣା ଏକ ଟାଙ୍ଗିଆରେ ବାପାଙ୍କୁ ହାଣି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ସୋମବାର ତିରିଙ୍ଗି ଥାନା ଅଧିକାରୀ ଭାସ୍କର ଚନ୍ଦ୍ର ପ୍ରଧାନ ଏବଂ ଝରାଡିହି ଫାଣ୍ଡି ଅଧିକାରୀ ବିଜୟ ନାୟକ ପ୍ରମୁଖ ପହଞ୍ଚି ସାଇଣ୍ଟିଫିକ ଟମ୍ ସହାୟତାରେ ତଦନ୍ତ କରିଥିଲେ। ଗିରଫ ଭୟରେ ଅଭିଯୁକ୍ତ କ୍ରୀଷ୍ଣା ପଟକାଡିହି ଜଙ୍ଗଲରେ ଲୁଚିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୫୪/୨୩) ରୁଜୁ ହୋଇଛି।

## ବିଶ୍ୱବିଦ୍ୟାଳୟ ବିକାଶ ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱ ରଖେ




ଅତିଥିଙ୍କ ଦ୍ୱାରା ପତ୍ରିକା 'ବ୍ୟାସ ବାଣିଜ୍ୟିକା' ଉନ୍ମୋଚନ କରାଯାଉଛି।

### ସ୍ନାତକୋତ୍ତର ବାଣିଜ୍ୟ ବିଭାଗର ବାର୍ଷିକ ଦିବସ

ବାଲେଶ୍ୱର ଅଫିସ, ୨।୫

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବାଣିଜ୍ୟ ବିଭାଗର ବାର୍ଷିକ ଦିବସ ପାଳିତ ହୋଇଛି। ଏହି ଅବସରରେ ସମ୍ମିଳନୀ କକ୍ଷରେ ଏକ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ବାଣିଜ୍ୟ ବିଭାଗର ସମସ୍ତ କର୍ମକର୍ତ୍ତା ତଥା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇ ବିଶ୍ୱବିଦ୍ୟାଳୟ ଓ ବିଭାଗର ଉନ୍ନତି ପାଇଁ ଆହ୍ୱାନ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ବିକାଶ ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱ ରଖେ ବୋଲି ମତପ୍ରକାଶ ପାଇଥିଲା।

ସଭା ଆରମ୍ଭରେ ବାଣିଜ୍ୟ ବିଭାଗ ସଂଯୋଜକ ଡ. ଆର୍ତ୍ତବନ୍ଧୁ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଯୋଗଦେଇ କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି, ଭୁବନେଶ୍ୱରସ୍ଥିତ ଇଣ୍ଟରନ୍ୟାଶନାଲ ମ୍ୟାନେଜେମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଫେସର ସୁପ୍ରୀତି ମିଶ୍ର ଯୋଗଦେଇଥିଲେ। ଏହିଉପଲକ୍ଷେ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପତ୍ରିକା 'ବ୍ୟାସ ବାଣିଜ୍ୟିକା' ଉନ୍ମୋଚନ କରାଯାଇଥିଲା। ଏସ୍‌ଏସ୍‌ବି ଓ ଓପିଏସ୍‌ସି ଦ୍ୱାରା ଆୟୋଜନ କରାଯାଇଥିବା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ବାଣିଜ୍ୟ ବିଭାଗର ପୁରାତନ ଛାତ୍ର ସଂସଦର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ସହକାରୀ ପ୍ରାଧାପିକା ଗାୟତ୍ରୀ ଗୁହା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

- ୨ ପଞ୍ଚାୟତ ପରିଦର୍ଶନ କଲେ ଜିଲାପାଳ
- ଏସ୍‌ଇବିସି ସର୍ଭେ କେନ୍ଦ୍ର ବୁଲି ଦେଖିଲେ

ବନ୍ତ/ଭଦ୍ରକ ଅଫିସ,୨।୫(ଡି.ଏନ୍.ଏ.)

ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମଙ୍ଗଳବାର ବନ୍ତ ବ୍ଲକ ଅଧୀନ ଜିଲା ପରିଷଦ ଅଧ୍ୟକ୍ଷଙ୍କ ନିଜସ୍ୱ ପଞ୍ଚାୟତ ମହାନ୍ତିପଡା ଓ ବ୍ଲକ ଅଧ୍ୟକ୍ଷଙ୍କ ପଞ୍ଚାୟତ ଗୋପିନାଥପୁର ପରିଦର୍ଶନ କରିଛନ୍ତି। ୫-ଟି ବିଦ୍ୟାଳୟ କାର୍ଯ୍ୟ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସେ ସମୀକ୍ଷା କରିଛନ୍ତି। ଗୋପିନାଥପୁର ପଞ୍ଚାୟତର ଗୋପିନାଥଜୀଉ ଉଚ୍ଚ ବିଦ୍ୟାଳୟ, ଅଗଣି ଚରଣ ବିଦ୍ୟାପୀଠ ଏବଂ ମହାନ୍ତିପଡା ପଞ୍ଚାୟତର ଆଶାମଣି ଉଚ୍ଚ ବିଦ୍ୟାଳୟର ୫-ଟି କାର୍ଯ୍ୟ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜିଲାପାଳ ତଦାରଖ କରିଥିଲେ। ସମସ୍ତ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବା ସହ କାର୍ଯ୍ୟର ମାନ ପ୍ରତି ଗୁରୁତ୍ୱ ଦେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲାପାଳ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା, ମିଶନ ଶକ୍ତି କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଥିବା ଏସ୍‌ଇବିସି ସର୍ଭେ କେନ୍ଦ୍ର ପରିଦର୍ଶନ କରିଥିଲେ। ଗାପୀନାଥପୁର ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ସର୍ଭେ କେନ୍ଦ୍ର ଓ ମହାନ୍ତିପଡ଼ା ପଞ୍ଚାୟତର ସର୍ଭେ କେନ୍ଦ୍ରକୁ ଯାଇ ଏନୁମରେଟର, ସୁପରଭାଇଜରମାନଙ୍କ ଦ୍ୱାରା କରାଯାଉଥିବା ସର୍ଭେ କାର୍ଯ୍ୟ ସମ୍ପାଦନ ନେଇ ସେ ପଚାରି ବୁଝିଥିଲେ।

ଜିଲାପାଳଙ୍କ ପରିଦର୍ଶନ ବେଳେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ବିଡିଓ ପ୍ରଦୀପ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ, କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ବିଶ୍ୱାଳ, ପିଇଓ ସଙ୍ଗୀତାରାଣୀ ପାଣିଗ୍ରାହୀ, ବିକାଶ ରାଉତ, ସରପଞ୍ଚ ସବିତାରାଣୀ ନାୟକ, ନିହାର ରଞ୍ଜନ ପଣ୍ଡା, ସମିତିସଭ୍ୟ ନିର୍ମଳ ନାୟକ, ଜିଆର୍‌ଏସ୍ ସୁବୋଧ ରାଉତ, ବରିଷ୍ଠ ନାଗରିକ ନନ୍ଦ କିଶୋର ନାୟକଙ୍କ ସମେତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସଭାପତି, ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ସାମାଜିକ ଓ ଅର୍ଥନୈତିକ ଗଣନା କେନ୍ଦ୍ର ପରିଦର୍ଶନ କରିବା ସହ ମହାନ୍ତିପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ରେକର୍ଡ ଯାଞ୍ଚ ଓ ସମୀକ୍ଷା କରିଥିଲେ।



ପରିଦର୍ଶନ ବେଳେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଅନ୍ୟ ଅଧିକାରୀ ଓ ଲୋକପ୍ରତିନିଧି।

## ଶ୍ରମିକ ହେଲେ ଆଧୁନିକ ଯୁଗର ବିଶ୍ୱକର୍ମା

### ଜିଲାସ୍ତରୀୟ ଶ୍ରମିକ ଦିବସ ପାଳିତ

- ୧,୩୪୧ ହିତାଧିକାରୀଙ୍କୁ ୧,୮୬,୫୭,୪୦୦ ଟଙ୍କାର ଆର୍ଥିକ ସହାୟତା

ବାଲେଶ୍ୱର ଅଫିସ, ୨।୫



ଜିଲାସ୍ତରୀୟ ଶ୍ରମିକ ଦିବସ ପାଳନ ଅବସରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ବାଲେଶ୍ୱର ଜିଲା ପ୍ରଶାସନ, ଜିଲା ଶ୍ରମ କାର୍ଯ୍ୟାଳୟ ଏବଂ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ସ୍ଥାନୀୟ ଗାନ୍ଧୀ ସ୍ମୃତିଭବନ ପରିସରରେ ପାଳିତ ହୋଇଛି। ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ, ଶ୍ରମିକ ସଙ୍ଗଠନ ସିଟୁର ରାଜ୍ୟ ଉପସଭାପତି ବିଜୟ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସ ପାଳନର ଆଭିମୁଖ୍ୟ, ଶ୍ରମ ଆନ୍ଦୋଳନର ଇତିହାସ, ଶ୍ରମିକମାନଙ୍କ ସମସ୍ୟା, ଅଧିକାର, କର୍ତ୍ତବ୍ୟ, ସେମାନଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା, ଦେଶର ପ୍ରଗତିରେ ଶ୍ରମିକମାନଙ୍କ ଅବଦାନ, ସେମାନଙ୍କ ତ୍ୟାଗ, ଉତ୍ସର୍ଗୀକୃତ ସେବା ଉପରେ ବକ୍ତବ୍ୟ ରଖିଥିଲେ। ଶ୍ରମିକମାନେ ଆଧୁନିକ ଯୁଗର ବିଶ୍ୱକର୍ମା ଭାବେ ଅଭିହିତ ସହ ସେମାନଙ୍କ ପାଇଁ ରହିଥିବା ଯୋଜନା ସମ୍ପର୍କରେ ଯଥେଷ୍ଟ ସଚେତନତା ସୃଷ୍ଟି କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଜିଲାର ୧,୩୪୧ ହିତାଧିକାରୀଙ୍କୁ ମୋଟ୍ ୧କୋଟି ୮୬ଲକ୍ଷ ୫୭ହଜାର ୪ଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିମଧ୍ୟରେ ୧,୧୪୮ଜଣ ହିତାଧିକାରୀଙ୍କୁ ମୋଟ୍୬୦ଲକ୍ଷ ୩୨ହଜାର ୪ଶହ ଟଙ୍କାର ଶିକ୍ଷା ସହାୟତା ପ୍ରଦାନ କରାଯାଇଥିବା ବେଳେ ୨୮ଜଣ ହିତାଧିକାରୀଙ୍କୁ ମୋଟ୍ ୫ଲକ୍ଷ ୬୦ହଜାର ଟଙ୍କାର ମୃତ୍ୟୁକାଳୀନ ସହାୟତା, ୨୦ଜଣ ହିତାଧିକାରୀଙ୍କୁ ମୋଟ୍ ୧ଲକ୍ଷ ଟଙ୍କାର ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ୫ଜଣ ହିତାଧିକାରୀଙ୍କୁ ମୋଟ୍ ୫୦ହଜାର ଟଙ୍କାର ପ୍ରସୂତିକାଳୀନ ସହାୟତା ଏବଂ ୧୪୦ଜଣ ହିତାଧିକାରୀଙ୍କୁ ମୋଟ୍ ୬୮ଲକ୍ଷ ୭୫ହଜାର ଟଙ୍କାର ବିବାହ ସହାୟତା ପ୍ରଦାନ କରାଯାଇଛି । ସେହିପରି ଜିଲାରେ ନିର୍ମାଣ ଶ୍ରମିକ ଭାବେ ତଥା ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଶ୍ରମିକଙ୍କ ସମେତ ବିଭିନ୍ନ ଶ୍ରମ ସଙ୍ଗଠନର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ଶ୍ରମ କାର୍ଯ୍ୟାଳୟର ସହକାରୀ ଶ୍ରମ ଅଧିକାରୀ ଦୀପ୍ତିରଞ୍ଜନ ସାହୁ, ଶ୍ରୀହରି ସୟନ ସାମଲ, ଯଶୋବନ୍ତ ଅମାତ ପ୍ରମୁଖଙ୍କ ସମେତ ରାଜେନ୍ଦ୍ର କୁମାର ସାହୁ, ରାଜୀବ ଯାଦବ, ଲଳିତା ବେହେରା, ସୁପ୍ରଭା ଟୁଡୁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଶୁଭମ ଦାସମହାପାତ୍ର, ସରୋଜିନୀ ନାୟକ ପ୍ରମୁଖ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩ ମେ, ୨୦୨୩

**ନୂତନ ପ୍ରକଳ୍ପ ପ୍ରଶାସକଙ୍କ ଦାୟିତ୍ୱ ଗ୍ରହଣ**

**ବାରିପଦା ଅଫିସ:** ବରିଷ୍ଠ ଅଧିକାରୀ ପରୀକ୍ଷିତ ଦାଶ ରାଇରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ନୂତନ ପ୍ରକଳ୍ପ ପ୍ରଶାସକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥି ପୂର୍ବରୁ ସେ ଗଞ୍ଜାମ ଜିଲାରେ ଦୀର୍ଘ ୬ ବର୍ଷ ଧରି ଜିଲା ମଙ୍ଗଳ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ।କ ପ୍ରକାଶ ଥାଉକି, ନୂତନ ପ୍ରକଳ୍ପ ପ୍ରଶାସକ ଦାଶ ୨୦୦୬ ବ୍ୟାଚର ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଅଟନ୍ତି। ସେ ସୋମବାର ପ୍ରକଳ୍ପ ପ୍ରଶାସକ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ।



## ସଂକ୍ଷେପରେ

### ବିଦାୟ ବେଳେ ଭାବବିହ୍ୱଳ ହୋଇପଡ଼ିଲେ ପ୍ରଧାନ ଶିକ୍ଷକ

**ବାରିକପୁର, ୨।୫(ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଭାଗିବିନ୍ଧା କ୍ଲଷ୍ଟର ଅଧୀନ କରଞ୍ଜି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରୁଣ କୁମାର ଦତ୍ତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାବିତ୍ ଡ. ପୁରୁଷୋତ୍ତମ ଧଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଜଗବନ୍ଧୁ ଦାସ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସିଆର୍‌ସିସି ପ୍ରଶାନ୍ତ କୁମାର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ ବାରିକ, ଖଗେଶ୍ୱର ଦାସ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ସମ୍ପର୍କରେ କହିଥିଲେ। ସିଆର୍‌ସିସି ଭାଗବତ ରାଉତ ଅତିଥି ପରିଚୟ ପ୍ରଦାନ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଦାସ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷକ ଦତ୍ତ ଦୀର୍ଘଦିନର ଶିକ୍ଷକତା ଜୀବନର ଅଭିଜ୍ଞତା ଓ ଅନୁଭୂତି ପ୍ରକାଶ କରିବା ବେଳେ ଭାବବିହ୍ୱଳ ହୋଇପଡ଼ିଥିଲେ। ଶେଷରେ କରୁଣାକର ଓଝା ଧନ୍ୟବାଦ ପ୍ରଦାନ କରିଥିଲେ।

### ଜଳେଶ୍ୱରରେ ୫-ଟି ଯୋଜନାରେ ୨୩ ବିଦ୍ୟାଳୟ ଲୋକାର୍ପିତ

**ଜଳେଶ୍ୱର, ୨।୫(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ୨୩ଟି ଉଚ୍ଚ ବିଦ୍ୟାଳୟକୁ ୫-ଟି ଯୋଜନାରେ ଲୋକାର୍ପିତ କରାଯାଇଛି । ପ୍ରତି ବିଦ୍ୟାଳୟକୁ ସରକାର ୪୫ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ପୁରାତନ ଛାତ୍ର ସଂଘ କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ବିଦ୍ୟାଳୟ ବିକାଶ ଲାଗି ସରକାରଙ୍କଠାରେ ଜମା କରିଥିବା ଅର୍ଥର ୨ଗୁଣା (ମୋଟ ୩ଗୁଣା) ଅର୍ଥ ବିଦ୍ୟାଳୟରେ ଖର୍ଚ୍ଚ ହେବାର ନିୟମ ରହିଛି । ଉକ୍ତ ୨୩ ବିଦ୍ୟାଳୟରେ ୱାଇଫାଇ, ପାୱାର ବେକ୍‌ଅପ୍, ଡେକୋରେଶନ୍, ଲାଇଟ୍ ଆଦି ବ୍ୟବସ୍ଥା କରିବାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ହୋଇଥିଲା।

### ବାହାର ରାଜ୍ୟକୁ ଶ୍ରମିକ ଚାଲାଣ, ଜଣେ ଗିରଫ

**ମୋରଡ଼ା,୨।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ମୋରଡ଼ା ଗ୍ରାମରୁ କେତେଜଣ ଯୁବ ଶ୍ରମିକଙ୍କୁ ବେଆଇନ ଭାବେ ବାହାର ରାଜ୍ୟକୁ ଚାଲାଣ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ଅଲଡାସରଗାଁ ଗ୍ରାମର ଶାନ୍ତନୁ ରାଉତ। ସୂଚନା ଅନୁଯାୟୀ, ଶାନ୍ତନୁ ମୋରଡା ଗ୍ରାମର ଯୁବକମାନଙ୍କୁ ଚେନ୍ନାଇର ଏକ କମ୍ପାନୀରେ କାମ କରିବାକୁ କହି କିଛି ଟଙ୍କା ଅଗ୍ରିମ ଦେଇଥିଲେ। ପରେ ଏକ ଟେମ୍ପୋ ଯୋଗେ ସେମାନଙ୍କୁ ନେଇ ବାରିପଦା ଅଭିମୁଖେ ବାହାରିଥିଲେ। ମୋରଡ଼ା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ଶ୍ରମିକମାନଙ୍କୁ ନେଇ ଯାଉଥିବା ଟେମ୍ପୋକୁ ଚିତ୍ରଡାଠାରେ ଅଟକ ରଖିଥିଲା। ପରେ ଶ୍ରମିକମାନଙ୍କ ସହିତ ଶାନ୍ତନୁ ରାଉତଙ୍କୁ ଅଟକ ରଖି ପଚାରାଉଚୁରା କରିବା ସହ ମୋରଡା ସରପଞ୍ଚଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ.୧୬୦/୨୩) ରୁଜୁ କରି ଶାନ୍ତନୁଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଅଙ୍ଗୁର ବୋଝେଇ ଟ୍ରକ୍ ଧକ୍କାରେ ଟ୍ରେଲର ଅପରେଟର ମୃତ

**ପାଟଣା,୨।୫ (ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଖିରେଇଟାଙ୍ଗିରି ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ସକାଳେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରେଲର ପଛରେ ଅଙ୍ଗୁର ବୋଝେଇ ଟ୍ରକ୍ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହେଇଛନ୍ତି। ମୃତକ ହେଲେ ଟ୍ରେଲର ଅପରେଟର ବିହାର ରାଜ୍ୟ ବେଙ୍କା ଥାନାକାମଲଡ଼ିହି ଗ୍ରାମର ଗୌତମ ଯାଦବ(୩୫)। ଗୁରୁତରଙ୍କ ପରିଚୟ ମିଳିପାରି ନାହିଁ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଫଳରେ ରାସ୍ତାର ଗୋଟିଏ ପାର୍ଶ୍ୱରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତୁରୁମୁଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରି ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ସହାୟତାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ବ୍ୟବଚ୍ଛେଦ କରାଇଥିଲା।

# ଦରମା ଦାବିରେ ଡିଇଓ ଅଫିସ ଘେରିଲେ ଶିକ୍ଷକ

**ବାରିପଦା ଅଫିସ,୨।୫**

ମୟୂରଭଞ୍ଜ ଜିଲା ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ସୋମବାର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ବାରିପଦାସ୍ଥିତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟକୁ ଘେରାଓ କରିଥିଲେ। ତୁରନ୍ତ ଦରମା ପ୍ରଦାନ ଏବଂ ନିୟମିତ କରିବା ଆଦି ଦାବି ନେଇ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏକ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ତଥା ଜିଲଶ ସଂଘର ପୂର୍ବତନ ସମ୍ପାଦକ ଶାନ୍ତନୁ କୁମାର ଦାସ ଜଣାଇଛନ୍ତି।

ନିୟମିତ ନ ହେବା କାରଣରୁ ଅନେକ ଶିକ୍ଷକ ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଛନ୍ତି। ଦରମା ଅଭାବରୁ ସମସ୍ତ ଶିକ୍ଷକ ପରିବାର ଏବେ ଆର୍ଥିକ ଦୁର୍ଦ୍ଦିନ ଆଡ଼କୁ ଗତି କରୁଛନ୍ତି। ଏଣୁ ସରକାରଙ୍କ ଏପରି ଶିକ୍ଷକ ମାରଣ ନୀତିକୁ ରାଜ୍ୟ ସଂଘର ଉପଦେଷ୍ଟା ବିଶ୍ୱଜିତ ବିଶ୍ୱାଳ ଦୃଢ଼ ନିନ୍ଦା କରିଛନ୍ତି। ଜିଲା ସଂଘର ଆବାହକ ତପନ କୁମାର ବାରିକ,ଜିଲା ସଂଘର ଉପଦେଷ୍ଟା ପ୍ରିୟବ୍ରତ ବେହେରା, ସରୋଜ କୁମାର ମହାନ୍ତ, ଜିଲା ସମ୍ପାଦକ ଶରତ କୁମାର ବେହେରା, କାର୍ଯ୍ୟକାରୀ ସମ୍ପାଦକ ଦେବରାଜ ମିଶ୍ର, ପ୍ରୀତମ କୁମାର ସେଠୀ, ସଞ୍ଜୀବ ଦଳେଇ,ଏସ. କେ. ଫାଇଜାନ ଉଲ୍ଲା, ଗାର୍ଗୀ ବାରିକ, ତନୁଜା ମିଶ୍ର, ପ୍ରଦୀପ ଚୌଧୁରୀ, ଭାଗ୍ୟଶ୍ରୀ ହୋତା, ମୌସୁମୀ ମଣ୍ଡଳ, ଜ୍ୟୋର୍ତିମୟୀ ନନ୍ଦ ଏବଂ ଶୁଭଶ୍ରୀ ପତି ପ୍ରମୁଖ ଦରମା ଓ ନିୟମିତ ନ କଲେ ଆଗାମୀ ଦିନରେ ପାଠ ପଢାରେ ଅସହଯୋଗ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ପ୍ରାଧ୍ୟାପକ ବିନାୟକ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଧାମନଗର, ୨।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ବିନାୟକ ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବୃତ୍ତିଗତ ଜୀବନରେ ନିଜର ନିଷ୍ଠା, ସାଧୁତା, ଛାତ୍ର ବତ୍ସଳତା ଓ ତ୍ୟାଗପୁତ ଜୀବନଚର୍ଯ୍ୟା ପାଇଁ ଅଧ୍ୟାପକ ସ୍ମରଣୀୟ ହୋଇ ରହିଥାନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭାଗ ଅଧ୍ୟାପକ ସଞ୍ଜୟ କୁମାର ପଣ୍ଡା, ଆଶିଷ କୁମାର ସ୍ୱାଇଁ, ପ୍ରାଧ୍ୟାପକ ଅଜୟ କୁମାର ବେଜ, ମହମ୍ମଦ ଇସ୍ରାଇଲ, ଅଧ୍ୟାପିକା ବାସ୍ତବିକା ଦାସ, ଆଦ୍ୟାରଶ୍ମି ମିଶ୍ର, ଡ. ସାଜିଆ ତମକିନ, ଅଧ୍ୟାପକ ଡ. ଦେବାଶିଷ ମଲ୍ଲିକ, ଚିନ୍ମୟ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଆଶାଲତା ରାଉତ ଓ ଭାଗୀରଥି ମାଝୀ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱାଗତିକା ଉପାଧ୍ୟାୟ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ବିଭାଗର ତୃତୀୟ ବର୍ଷ ସମ୍ମାନ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ସମାରୋହ


କବି ଶିବପ୍ରସାଦ ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ବାସୁଦେବପୁର, ୨।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ରବିବାର 'ରଙ୍ଗରାଗ' ସାହିତ୍ୟ ସଂସ୍କୃତି ପରିଷଦର ଦ୍ୱାଦଶ ବାର୍ଷିକ ସମାରୋହ ସହ ସମ୍ବର୍ଦ୍ଧନା ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରି କହିଥିଲେ, ସାହିତ୍ୟ ଓ ସଂସ୍କୃତି ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ଥିବାବେଳେ ଏହା ଓଡ଼ିଆ ଜାତିର ପ୍ରାଣ। ଗଳ୍ପ, କବିତା ଓ ପ୍ରବନ୍ଧ ଜୀବନଧର୍ମୀ ହେବା ଉଚିତ। ଫଳରେ ସାହିତ୍ୟ କାଳଜୟୀ ହୋଇପାରିବ। ମୁଖ୍ୟବକ୍ତା ଅଧ୍ୟାପକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପବିତ୍ର ପାଣିଗ୍ରାହୀ, ଅନ୍ୟତମ ଅତିଥି ଅବସରପ୍ରାପ୍ତ ଅଧ୍ୟାପିକା ଝରଣା ପଟ୍ଟନାୟକ ଓ ଅନ୍ୟତମ ବକ୍ତା ଭାବେ ଔପନ୍ୟାସିକ ସୃଷ୍ଟିଧର ପରିଡ଼ା ଓ କବି ଶ୍ରୀଦେବ ଯୋଗ ଦେଇଥିଲେ। ଭଦ୍ରକ ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ ସଭାପତିତ୍ୱ କରିଥିବା ବେଳେ ରଙ୍ଗରାଗ ସମ୍ପାଦକ ପ୍ରଦୀପ୍ତ ମହାନ୍ତି ବିବରଣୀ ପାଠ କରିଥିଲେ।

ଏହି ଅବସରରେ କବି ଶିବପ୍ରସାଦ ଦାଶ, ସ୍ୱରେନ୍ଦ୍ର ପାଣିଗ୍ରାହୀ, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, ପ୍ରାବନ୍ଧିକ ଲକ୍ଷ୍ମୀକାନ୍ତ ତ୍ରିପାଠୀ, କବୟିତ୍ରୀ ଇପ୍ସିତା ଷଡ଼ଙ୍ଗୀ, ମୀତା ପଟ୍ଟନାୟକ, ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ମହାରଣା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାଳ୍ପିକ ରାଧାବିନୋଦ ନାୟକ, ଇଂ. ଅରୁଣ ସାହୁ ଅନୁପସ୍ଥିତ ଥିବାବେଳେ ସେମାନଙ୍କ ସମ୍ବର୍ଦ୍ଧନା ପତ୍ର ପାଠ କରାଯାଇଥିଲା। କବିତା ପାଠୋତ୍ସବରେ ବାଇଚଢ଼େଇ ସମ୍ପାଦକ ବିକାଶ ଶତପଥୀ, କବି ପ୍ରହ୍ଲାଦ ବାରିକ, ରତ୍ନାକର ପଣ୍ଡା, ତପନ ମିଶ୍ର, ଶାନ୍ତିଲତା ପଣ୍ଡା, କବି ଯାଯାବର, ନିରଞ୍ଜନ ବିଶ୍ୱାଳ, କବୀନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ ପ୍ରମୁଖ କବିତା ପାଠ କରିଥିଲେ।

## ଶ୍ରମିକ ଦିବସ ପାଳିଲା ଉତ୍କଳ ସାମ୍ବାଦିକ ସଂଘ

**ଭଦ୍ରକ ଅଫିସ, ୨।୫ (ସ୍ୱ.ପ୍ର.)**

ଉତ୍କଳ ସାମ୍ବାଦିକ ସଂଘର ଭଦ୍ରକ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଶ୍ରମିକ ଦିବସ ପାଳନ କରାଯାଇଥିଲା। ଜିଲା ସଭାପତି ରବିନାରାୟଣ ଖିଲାର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଶିକ୍ଷାବିତ୍ ଅଟଳ ବିହାରୀ ନାୟକ, ମୁଖ୍ୟବକ୍ତା ଖବରଦାତା ପ୍ରତାପ ଦାସ ଏବଂ ବରେଣ୍ୟ ଅତିଥି ଭାବେ ଉତ୍କଳ ସର୍ବୋଦୟ ସଙ୍ଗଠନର ସଭାପତି ଅମର ପାଣିଗ୍ରାହୀ, ଖବରଦାତା ଭଜଗୋବିନ୍ଦ ଜେନା, ତପନ ସ୍ୱାଇଁ, ଦଳିତ ନେତା ରାଜେନ୍ଦ୍ର ଜେନା, ଅପୂର୍ବ ରଞ୍ଜନ ବେହେରା, ପ୍ରକାଶ ମହାପାତ୍ର, ପାର୍ଥସାରଥୀ ନାୟକ, ରାଜେଶ ଦାସ, ସାଧନ ଧର, ସନ୍ତୋଷ ଦାସ, ଶୁଭଦୀପ ମଲ୍ଲିକ, ସଞ୍ଜୀବ ନାୟକ, ମୁକ୍ତିକାନ୍ତ ନାୟକ, ଶିକ୍ଷାବିତ୍ ଅଶୋକ ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତାମାନଙ୍କ ସୁରକ୍ଷା, ମାସିକ ପେନ୍‌ସନ ଓ ବୀମାରାଶି ବୃଦ୍ଧି ପାଇଁ ଦାବି କରାଯାଇଥିଲା। ଏଥିସହ ଭଦ୍ରକରେ ଖବରଦାତାମାନଙ୍କ ପାଇଁ ଏକ ଗୃହ ନିର୍ମାଣ ନିମନ୍ତେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତପ୍ରକାଶ ପାଇଥିଲା। ଖବରଦାତା ସନାତନ ରାଉତ, ସସ୍ମିତା ଦାସ, ଏଲିଜା ଖିଲାର, କମଳ ଲୋଚନ ଦାଶ, ତପନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତା ଶିବାନନ୍ଦ ଦାସ ମଞ୍ଚ ଆମନ୍ତ୍ରଣ ଓ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ମନୋରଞ୍ଜନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ରକ୍ତଦାନ ଶିବିରରେ ୬୪ ୟୁନିଟ୍ ସଂଗ୍ରହ


ଇମାମୀ କାଗଜକଳ ପରିସରରେ ଶ୍ରମିକ ଦିବସ ପାଳନ

**ରେମୁଣା, ୨।୫(ଡି.ଏନ.ଏ.)**

ଯବାଲେଶ୍ୱର ଜିଲାର ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀ କାଗଜକଳ ପରିସରରେ ଶ୍ରମିକ ଦିବସ ପାଳନ ହୋଇଛି। ସଭାରେ ଆଞ୍ଚଳିକ କାରଖାନା ସଭାପତି ଭାବେ ଦାୟିତ୍ୱରେ ଥିବା ଆଶିଷ ଅବିନାଶ ଗୁପ୍ତା ଯୋଗଦେଇ କାରଖାନାରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକଙ୍କ ଅବଦାନକୁ ପ୍ରଶଂସା କରିଥିଲେ।

ଏହି ଅବସରରେ କମ୍ପାନୀ ପରିସରରେ ଥିବା ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଇମାମୀ ପେପର ମିଲ୍ ମଜଦୁର ୟୁନିୟନ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମେଡିକାଲ୍ କଲେଜ ଏବଂ ହସପିଟାଲ୍ ବ୍ଲଡ୍ ବ୍ୟାଙ୍କ୍ ପକ୍ଷରୁ ୬୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ବ୍ଲଡ଼ବ୍ୟାଙ୍କର ଡା. ମହେଶ ବିଶ୍ୱାଳ ଇମାମୀ ପକ୍ଷରୁ ଡା. ଓମ୍‌କାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଟେକ୍ନିସିଆନ୍‌ଅକ୍ଷୟ କୁମାର ଜେନା, କାଉନସିଲର ସୁଚିସ୍ମିତା ଦାସ, ବରିଷ୍ଠ ଫାର୍ମାସିଷ୍ଟ ଅକ୍ଷୟ କିଶୋର ଦାସ, ସଞ୍ଜିତ୍ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ମଜଦୁର ୟୁନିୟନ୍‌ର ସଭାପତି ପ୍ରାକ୍ତନ ବିଧାୟକ ବର୍ଷୀୟାନ୍ ଶ୍ରମିକନେତା ପ୍ରଦୀପ୍ତ ପଣ୍ଡା, କାର୍ଯ୍ୟନିର୍ବାହୀ ସଭାପତି ପଦ୍ମଲୋଚନ ନାୟକ, ସାଧାରଣ ସଂପାଦକ ଭବାନନ୍ଦ ଶତପଥୀ, ଅନ୍ୟତମ ସଦସ୍ୟ ଜ୍ଞାନରଞ୍ଜନ ବେହେରା, ଚିନ୍ମୟ କୁମାର ଦାଶ, ଦିଲ୍ଲୀପ ଯାଦବ, ଜନ୍ମେଜୟ ପଣ୍ଡା, ଭରତ ସେନାପତି, ସୁଭ୍ରାଂଶୁ ପରିଡ଼ା, ଅଜୟ ଲେଙ୍କା, ମନୋଜ ପୋଥାଳ ପ୍ରମୁଖ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ସେହିପରି ଇମାମୀ ପେପର ମିଲ୍‌ସର ଡିଜିଏମ୍ ଦେବବ୍ରତ ହୋତା, ଏଜିଏମ୍ ତଥା ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀଙ୍କ ସମେତ ବହୁ ପଦାଧିକାରୀ କର୍ମଚାରୀ, ଶ୍ରମିକମାନେ ତାଙ୍କୁ ଉତ୍ସାହିତ କରିବା ସହ ସଫଳ ରୂପାୟନ କରିଥିଲେ।

# ନୀଳଗିରିରେ ୨୧ଟି ୫-ଟି ହାଇସ୍କୁଲ ଲୋକାର୍ପଣ

**ନୀଳଗିରି, ୨।୫(ସ୍ୱ.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ନୀଳଗିରି ବ୍ଲକ ଓ ଏନ୍‌ଏସିରେ ତୃତୀୟ ପର୍ଯ୍ୟାୟରେ ୨୧ଟି ହାଇସ୍କୁଲକୁ ରୂପାନ୍ତରଣ ଯୋଜନାରେ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ନୀଳଗିରି ଏନ୍‌ଏସିର ବାଲିଗୋହିରୀ ରତ୍ନାକର ଟାଉନ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଅମ୍ବିକା ଦାସ, ବିଇଓ ସ୍ନିଗ୍ଧା ପଣ୍ଡା, ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡ୍ଡୁ, ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ।


ବାଲିଗୋହିରୀ ରତ୍ନାକର ଟାଉନ୍ ହାଇସ୍କୁଲ।

## ଫାଣ୍ଡିରେ କର୍ମଚାରୀ ଅଭାବ



**ରାଇବଣିଆ, ୨।୫**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନରେ ଥିବା କୁଷ୍ଟଗଡ଼ ଫାଣ୍ଡି ଉପରେ ଖୁଆଡ଼, ଶ୍ୟାମନଗର, ବରଡ଼ିହା ଓ କଳମା ପଞ୍ଚାୟତବାସୀ ନିର୍ଭର କରନ୍ତି। ହେଲେ ୪ଜଣ ବଦଳରେ କନଷ୍ଟେବଲ ଓ ଗୋଟିଏ ଏଏସ୍‌ଆଇଙ୍କୁ ନେଇ ଫାଣ୍ଡି ଚାଲିଛି। ଏଏସ୍‌ଆଇ ପୁଣି ପ୍ରାୟ ସମୟରେ ଫାଣ୍ଡିରେ ରହୁନାହାନ୍ତି। ସେ ରାଇବଣିଆ ଥାନାରେ ରହୁଛନ୍ତି। ଫଳରେ ଲୋକେ ନ୍ୟାୟ ପାଇଁ ଏଠାକୁ ଆସି ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଲୋକ ଛୋଟ ଛୋଟ ଘଟଣା ଲାଗି କୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ଏହା ଓଡ଼ିଶା ଏବଂ ପଶ୍ଚିମବଙ୍ଗର ପ୍ରବେଶ ପଥରେ ରହିଥିବାରୁ ଫାଣ୍ଡି ଆଗ ଦେଇ ଅବାଧରେ ଅପରାଧୀମାନେ ଖସି ପଳାଇଯାଉଛନ୍ତି। ଏ ସମ୍ପର୍କରେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁ କହିଛନ୍ତି, ଏସ୍‌ପିଙ୍କୁ ଅବଗତ କରାଯାଇଛି। ଆବଶ୍ୟକ ଅନୁଯାୟୀ ଖୁବ୍‌ଶୀଘ୍ର ପୂରଣ ପାଇଁ ଚେଷ୍ଟା ଚାଲିଛି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଢେଙ୍କିକୋଟ,୨।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ଦତ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାକୁ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ମହାନ୍ତ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ସଞ୍ଜୟ କୁମାର ପଲେଇ, ମୁଖ୍ୟ ବକ୍ତା ଢେଙ୍କିକୋଟ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ନାଥ, ସମ୍ମାନୀୟ ଅତିଥି ଭାବେ କେନ୍ଦ୍ର ସଂଯୋଜକ ସଚିଦାନନ୍ଦ ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚକ୍ରଧର ରାଉଳ ଯୋଗଦେଇ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟାଙ୍କ ଚାକିରି ଜୀବନ, ସମୟାନୁବର୍ତ୍ତିତା ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ସରସ୍ୱତୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।


ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

## ଓଡ଼ିଆ ଯବାନଙ୍କ ଅକାଳ ବିୟୋଗ


ଶିବନାରାୟଣ ବାରିକ

**ବାଲିଆପାଳ, ୨।୫(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଅଧୀନ ନିଖିରା ଗ୍ରାମର ମଧୁସୂଦନ ବାରିକଙ୍କ ଏକମାତ୍ର ପୁଅ ନୌସେନା ରକ୍ଷାମନ୍ତ୍ରଣାଳୟର ସିଭିଲିଆନ ଭାବେ କାର୍ଯ୍ୟରତ ଓଡ଼ିଆ ଯବାନ ଶିବନାରାୟଣ ବାରିକଙ୍କ ସୋମବାର ଫୁସ୍‌ଫୁସ୍‌ଜନିତ ରୋଗରେ ପ୍ରାଣ ହରାଇଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୩୫ବର୍ଷ ବୟସ ହୋଇଥିଲା। ଶିବନାରାୟଣ ଫୁସଫୁସ ରୋଗରେ ଅସୁସ୍ଥ ହୋଇ ବିଶାଖାପାଟଣାରେ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ସୋମବାର ଶିବନାରାୟଣ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଖବର ସମସ୍ତଙ୍କୁ ଚକିତ କରିଦେଇଥିଲା। ମଙ୍ଗଳବାର ସକାଳେ ଶିବନାରାୟଣଙ୍କ ପାର୍ଥିବ ଶରୀର ଜନ୍ମଭୂମି ନିଖିରାରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ରାଜ୍ୟ ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ଓଡ଼ିଶା ପ୍ରାଇଡ୍‌ର ସଭାପତି ମାନସ ଦାସ, ନିଖିରା ସରପଞ୍ଚ ଅଞ୍ଜନ କୁମାର ଗିରି, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଅଟେଇ ସଂରକ୍ଷିତ ଜଙ୍ଗଲକୁ ଗୃହପାଳିତ ପ୍ରାଣୀ ଛାଡ଼ିବା ମନା

- ସତର୍କ ସୂଚନା ଜାରିକଲା ବନ ବିଭାଗ
- ୩ ପଞ୍ଚାୟତକୁ ନୋଟିସ୍

**ଘଟଗାଁ,୨।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଘଟଗାଁ ବନ ଉପଖଣ୍ଡ ଅଧୀନ ଅଟେଇ ସଂରକ୍ଷିତ ଜଙ୍ଗଲରେ ମହାବଳ ବାଘ ଉପସ୍ଥିତିକୁ ନେଇ ଦିନକୁ ଦିନ କଟକଣା ବଢୁଛି। ପ୍ରଥମେ ଲୋକଙ୍କୁ ଜଙ୍ଗଲ ଭିତରକୁ ଯିବାକୁ ବାରଣ କରାଯାଇଥିଲା। ସୋମବାରଠାରୁ ଗୃହପାଳିତ ପ୍ରାଣୀଙ୍କୁ ଜଙ୍ଗଲ ମଧ୍ୟକୁ ନ ଛାଡ଼ିବାକୁ ବନ ବିଭାଗ ସତର୍କ ସୂଚନା ଜାରି କରିଛି। ନିର୍ଦ୍ଦେଶ ନ ମାନି ଜଙ୍ଗଲକୁ ଗୃହପାଳିତ ପ୍ରାଣୀଙ୍କୁ ଛାଡ଼ିବା ପରେ ଯଦି କିଛି କ୍ଷୟକ୍ଷତି ହୁଏ ତେବେ ବନ ବିଭାଗ ଦାୟୀ ରହିବ ନାହିଁ ବୋଲି ନୋଟିସ୍‌ରେ ଉଲ୍ଲେଖ କରିଛି।

ସୂଚନା ଅନୁଯାୟୀ, ଗତ ଫେବୃୟାରୀ ମାସରେ ସଂରକ୍ଷିତ ଜଙ୍ଗଲର କାଦବାହାଳିଠାରେ ମହାବଳ ବାଘର ଉପସ୍ଥିତି ସମ୍ପର୍କରେ ସୂଚନା ମିଳିଥିଲା। ବାଘ ଆକ୍ରମଣରେ ମେଲାଣରେ ୪, ବଡଜାମୁପଶିରେ ୪, ବାଇଗଣପାଳରେ ଗୋଟିଏ ମଇଁଷିର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଉପରଡିହା ଗ୍ରାମରେ ଗୋଟିଏ ଗାଇ ମଧ୍ୟ ଆକ୍ରମଣର ଶିକାର ହୋଇଥିଲା। ମଇଁଷି ପାଇଁ ସମ୍ପୃକ୍ତ ମାଲିକମାନଙ୍କୁ ବନ ବିଭାଗ ପକ୍ଷରୁ ପ୍ରତ୍ୟେକଙ୍କୁ ୫ ହଜାର ଲେଖାଏ କ୍ଷତିପୂରଣ ଦିଆଯାଇଥିଲା। ତେବେ ସୋମବାର ନୋଟିସ ପରେ ଏହି କ୍ଷତିପୂରଣ ମିଳିବ ନାହିଁ ବୋଲି ବନ ବିଭାଗ ସତର୍କ କରିଛି। ଘଟଗାଁ ବନ ଉପଖଣ୍ଡ ଅଧିକାରୀ ପ୍ରଭାତ କୁମାର କୁଅଁର ଅଟେଇ ସଂରକ୍ଷିତ ଜଙ୍ଗଲକୁ ଲାଗି ରହିଥିବା ବଡଜାମୁପଶି,ଉପରଡିହା ଓ କୋଲିମାଟି ପଞ୍ଚାୟତକୁ ଏହି ନୋଟିସ କରିଛନ୍ତି।

# ଏଫଏମ୍ ବିଶ୍ୱବିଦ୍ୟାଳୟରେ 'ସାନ୍ତାଳୀ ସ୍ନାତକୋତ୍ତର' ବିଭାଗ ଖୋଲିବାକୁ ଦାବି

**ଲଙ୍ଗଳେଶ୍ୱର, ୨।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଡିଗ୍ରିପାହୀସ୍ଥିତ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘ ଏବଂ ବାରିପଦାସ୍ଥିତ ଅଲ୍ ଓଡ଼ିଶା ସାନ୍ତାଳୀ ପିଜି ଷ୍ଟୁଡେଣ୍ଟସ ଆସୋସିଏଶନ ପକ୍ଷରୁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ସ୍ନାତକୋତ୍ତର ବିଷୟ ଖୋଲିବା ପାଇଁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ଘୋଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଆସନ୍ତା ଶିକ୍ଷାବର୍ଷରୁ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଭାଷାରେ ପିଜି ସହିତ ପିଏଚ୍‌ଡି ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବା ସହିତ ଯେପରି ଛାତ୍ରୀଛାତ୍ରମାନେ ଇଣ୍ଟିଗ୍ରେଟେଡ୍ ବିଏଡ୍‌ରେ ସାନ୍ତାଳୀ ଏମ୍‌ଆଇଏଲ୍ ପଢ଼ିପାରିବେ ସେନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ଫକୀରମୋହନ ସ୍ୱୟଂଶାସିତ କଲେଜରେ ୨୦୨୨-୨୩ ଶିକ୍ଷାବର୍ଷରୁ ସାନ୍ତାଳୀ ସମ୍ମାନ ବିଷୟ ଆରମ୍ଭ ହୋଇଥିବାରୁ ଆସୋସିଏଶନ ପକ୍ଷରୁ ଅଧ୍ୟକ୍ଷ ଘୋଷଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘର ଡିଗ୍ରିପାହୀ ଶାଖାର ସଭାପତି ଦାଖିନ ମୁର୍ମୁ, ସମ୍ପାଦକ ଭିଲୁ ମୁର୍ମୁ, ସୁମିତ୍ରା ଟୁଡୁ, ସୀତା ମୁର୍ମୁ, ଦୁଲି ସୋରେନ, ଗଣେଶ ମାର୍ଣ୍ଡି, ମଧୁସୂଦନ ମୁର୍ମୁଙ୍କ ସମେତ ସାନ୍ତାଳୀ ପିଜି ଷ୍ଟୁଡେଣ୍ଟସ ଆସୋସିଏଶନ୍ ସଭାପତି ବିକ୍ରମ ବେଶ୍ରା, ସମ୍ପାଦକ ସେରାଲ ମୁର୍ମୁ, ଦୁର୍ଗା ସୋରେନ, ମୁନିରାମ ମୁର୍ମୁ ଓ କୋଷାଧ୍ୟକ୍ଷ ସୁମିତ୍ରା ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।


ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

